# Akashvani, Sambalpur

## SAMBALPURI NEWS EVENING BULLETIN

## 13 May 2026-7.02- 7.12 pm.

---

୧- ୨୦୨୬ -୨୭ ଖରିଫ୍ ଋତୁ ଲାଗି ୧୪ ଟା ଫସଲ୍‌ର ଏମ୍‌ଏସ୍‌ପି ବଢ଼ାବାର୍ ଲାଗି କେନ୍ଦ୍ର କେବିନେଟ୍‌ର ମଞ୍ଜୁରୀ ।

୨- ଇନ୍ଧନ୍ ବେଭାର୍ କମାବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀଙ୍କର୍ ସୁରକ୍ଷା ବ୍ୟବସ୍ଥାଥି ବେଭାର୍ ହଉଥିବା ଗାଡ଼ି ସଂଖ୍ୟା କମ୍ କଲେ ସର୍‌କାର୍ ।

- ବ୍ୟକ୍ତିଗତ୍ ସୁରକ୍ଷା ଲାଗି ଯାଉଥିବା ଗାଡ଼ି ସଂଖ୍ୟାକେ ଅଧା କଲେ ମୁଖ୍ୟମନ୍ତ୍ରୀ ।

୩- ବାହାର୍‌ଲା କେନ୍ଦ୍ରୀୟ ମାଧମିକ୍ ଶିକ୍ଷା ପରିଷଦ୍- ସିବିଏସ୍‌ଇ ପରିଚାଳିତ୍ ୧୨ ଶ୍ରେଣୀର୍ ପରୀକ୍ଷାଫଲ୍ ।

ଆଉର୍

୪- କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଚଡ଼କ୍ ମାରିକରି ବର୍ଷା ହେବା ବଲି ୨୪ ଟା ଜିଲ୍ଲାକେ ଜାରି ହେଲା ସତର୍କ ସୂଚ୍‌ନା ।

କେନ୍ଦ୍ର କେବିନେଟ୍ ବୈଠକ୍ ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍ଥି ୨୦୨୬ -୨୭ ଖରିଫ୍ ଋତୁ ଲାଗି ୧୪ ଟା ଫସଲ୍ର ସର୍ବନିମ୍ନ ସହାୟକ୍ ମୂଲ୍ୟ ଏମ୍ଏସ୍ପି କେ ବଢ଼ାବାର୍ ଲାଗି ମଞ୍ଜୁରୀ ମିଲିଛେ । ଚାଷୀମାନ୍କୁ ଇତାର୍ ଜରିଏ ଦର୍ବ୍ମାନ୍କର୍ ଠିକ୍ ଦାମ୍ ମିଲିପାର୍ବା ବଲି କେନ୍ଦ୍ର ସୂଚନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ ।

(ଭଏସ୍ ଓଭର୍- ଅଶ୍ୱିନୀ ବୈଷ୍ଣବ୍)

ଗଲାବଛର୍ ତୁଲ୍ନାଥି ସୂର୍ଯ୍ୟମୁଖୀ ବିହନ୍ର ଏମ୍ଏସ୍ପି ୬ ଶହ ୬୨ ଟଙ୍କା ପ୍ରତି କ୍ୱିଂଟାଲ୍ ବଢ଼ିଛେ । ଇତାର୍ସହେତେ କପା ୫ ଶହ ୫୭ ଟଙ୍କା, ନାଇଜର୍ ସିଡ୍ ୫ ଶହ ୧୫ ଟଙ୍କା ଆର୍ ରାଏଶ୍ ୫ ଶହ ଟଙ୍କା ପ୍ରତି କ୍ୱିଂଟାଲ୍ ବଢ଼ିଛେ । କେନ୍ଦ୍ର କେବିନେଟ୍ର ଇ ନିଷ୍ପତି ଗୁଟେ ଯୁଗାନ୍ତକାରୀ ପଦକ୍ଷେପ୍ ଆଏ ଆଉ ଇ କଲ୍ୟାଣ୍କାରୀ ନିଷ୍ପତି ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପ୍ରଧାନ୍ମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜନେଇଛନ୍ ।

ପ୍ରଧାନ୍‌ମନ୍ତ୍ରୀ-ଇନ୍ଧନ୍      ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର୍ ଗସ୍ତ ସମିଆଥି ସ୍ୱତନ୍ତ୍ର ସୁରକ୍ଷା ଗୋଷ୍ଠୀ - ଏସ୍‌ପିଜି ପ୍ରୋଟୋକଲ୍ ଅଧୀନ୍‌ଥି ସବୁ ଜରୁରୀ ସୁରକ୍ଷା ବ୍ୟବସ୍ଥାଥି ବେଭାର୍ ହଉଥିବା ଗାଡ଼ି ମଟର୍ ସଂଖ୍ୟାକେ କମ୍ କରିଛନ୍ । ଗଲା ଗୁଜୁରାଟ୍ ଆଉ ଆସାମ୍ ଗସ୍ତ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସୁରକ୍ଷା ଗାଡ଼ି ସଂଖ୍ୟାକେ କମ୍ କରାଯାଇଥିଲା । ପଶ୍ଚିମ ଏସିଆ ନ ଯୁଦ୍ଧ ଥିତି ଲାଗି ଦେଖାଦେଇଥିବା ପେଟ୍ରୋଲିୟମ୍ ଇନ୍ଧନ୍ ଉପ୍‌ରେ ନିର୍ଭରଶୀଳତାକେ କମ୍ କର୍‌ବାର୍ ଆଉ ପରିବେଶ୍ ଅନୁକୂଳ ବିକଳ୍ପ ଅପ୍‌ନାବାର୍ ଲାଗି ୭ ସୂତ୍ରୀ ବ୍ୟବସ୍ଥା କାର୍ଯ୍ୟକାରୀ କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କୁ ଆହ୍ୱାନ୍ ଦେଇଥିଲେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକ୍ରମ୍‌ଥି ବିଦ୍ୟୁତ୍ ଚାଳିତ ଗାଡ଼ି ବେଭାର୍ କର୍‌ବାର୍ ଲାଗି ଶ୍ରୀ ମୋଦୀ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଭିଲ୍ ସୁରକ୍ଷା ବ୍ୟବସ୍ଥାଥି ଗାଡ଼ିମଟର୍ ସଂଖ୍ୟା ୫୦ ପ୍ରତିଶତ୍‌କେ କମ୍ କରିଛନ୍ ।

ମୁଖ୍ୟମନ୍ତ୍ରୀ- ପରାମର୍ଶ ଆଇ.ଆଣ୍ଡ୍.ପି.ଆର୍

ପଶ୍ଚିମ ଏସିଆ ପରିସ୍ଥିତି ଲାଗି ସାରା ପୁର୍ଥି ନ ଦେଖାଦେଇଥିବା ତେଲ୍ ସଙ୍କଟ୍‌କେ ନଜର୍‌ଥି ରଖିକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଆହ୍ୱାନ୍‌କେ ସମ୍ମାନ୍ ଜନାବାର୍ ସହେତେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ନିଜର୍ ବ୍ୟକ୍ତିଗତ୍ ସୁରକ୍ଷା ଲାଗି ଯାଉଥିବା ଗାଡ଼ିମାନ୍‌କୁ କମ୍ କରିକରି ଅଧା କରିଦେଇଛନ୍ । ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ବ୍ୟକ୍ତିଗତ୍ ଗାଡ଼ି କମ୍ କରିକରି ପବ୍ଲିକ୍ ଟ୍ରାନ୍ସପୋର୍ଟ ଅଏତ୍‌କା ବେଭାର୍ କର୍‌ବାର୍‌କେ ପରାମର୍ଶ ଦେଇଛନ୍ । ଦର୍‌କାରୀ ସ୍ଥଲେ ଗାଡ଼ି ବେଭାର୍, ସୁନା ଘିନ୍‌ବାର୍ ଆଉ ଅଦର୍‌କାରୀ ବିଦେଶ୍‌ଯାତ୍ରା ବନ୍ଦ୍ କର୍‌ବାର୍‌କେ ଭିଲ୍ ସେ ପରାମର୍ଶ ଦେଇଛନ୍ ।

ବୈଦ୍ୟୁତିକ୍ ଗାଡ଼ି ବେଭାର୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଲୁକ୍‌କୁ ଅଏତ୍‌କା ବିଦ୍ୟୁତ୍ ଗାଡ଼ି - ଇଭି ର ବେଭାର୍ ଲାଗି ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ନିବେଦନ୍ କରିଛନ୍ । ଇହାଦେ ଦେଖାଦେଇଥିବା ବୈଶ୍ୱିକ୍ ପରିସ୍ଥିତି ଆଉ ଶକ୍ତି ସଂକଟ୍‌ର

ମୁକାବିଲା ଲାଗି ମନ୍ତ୍ରୀ ଶ୍ରୀ ଜେନା ନିଜେ ସର୍କାରୀ ବସ୍‌ଥି ଯା'ଆସ୍ କର୍‌ବେ ବଲି ଗଣମାଧମ୍‌ଥି କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଆହ୍ୱାନ୍‌ଥି ଇଭିର ବେଭାର୍ ଲାଗି ମନ୍ତ୍ରୀ ଶ୍ରୀ ଜେନା ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଛନ୍ । କେନ୍ଦ୍ର ସର୍‌କାର୍‌ଙ୍କର୍ ବୈଦ୍ୟୁତିକ୍ ଗାଡ଼ି ଚଲାଚଲ୍‌କେ ପ୍ରୋତ୍ସାହନ୍ ଦେବାର୍ ଲାଗି ମନ୍ତ୍ରୀ ଶ୍ରୀ ଜେନା ଇଭି ଉପ୍‌ରେ ଦିଆଯାଉଥିବା ସବ୍‌ସିଡ଼ିକେ ୨୦୨୮ ମସିହାତକ୍ ବଢ଼ାଯାଇଥିବାର୍ ବାବ୍‌ଦେ କହିଛନ୍ । ସାଧାରଣ୍ ଲୁକେ ଅଏତ୍‌କାନୁ ଅଏତ୍‌କା ବିଦ୍ୟୁତ୍ ଗାଡ଼ି ଘିନ୍‌ବାର୍ ସହେତେ ପରିବେଶ୍ ଅନୁକୂଳ ବ୍ୟବସ୍ଥାକେ ମଜ୍‌ବୁତ୍ କର୍‌ବାର୍‌କେ ମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍- ପରିବହନ୍ ମନ୍ତ୍ରୀ)

ପ୍ରଧାନ୍‌ମନ୍ତ୍ରୀ-ବାଲ୍ ପୁରସ୍କାର୍ ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର୍ ଲାଗି ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇଛେ । ଫି' ବଛର୍ ସାହସିକତା, ବିଜ୍ଞାନ୍, ଆଉ ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା, ପରିବେଶ୍ ଆର୍ କଳା ଆଉ ସଂସ୍କୃତି

କ୍ଷେତ୍ରରୁ ଉପଲବ୍ଧି ଲାଗି ୫ ବଛରନୁ ୧୮ ବଛର୍ ବୟସର୍ ଛୁଆମାନ୍‌କୁ ଇ ପୁରସ୍କାର୍ ଦିଆଯାଏସି । ଇଥିର୍‌ଲାଗି ଆଏବା ଜୁଲାଇ ମାସ ୩୧ ତାରିଖ୍‌ତକ୍ ଆବେଦନ୍ କରିହେବା ।

ସିବିଏସ୍‌ଇ ରିଜଲ୍ଟ        ହି.ସ.

କେନ୍ଦ୍ରୀୟ ମାଧମିକ ଶିକ୍ଷା ପରିଷଦ୍- ସିବିଏସ୍‌ଇ ପରିଚାଲିତ୍ ଇ ବଛର୍ ୧୨ ଶ୍ରେଣୀ ପରୀକ୍ଷାଫଲ୍ ଆଏଜ୍ ବାହାରିଛେ । ଇଥି ୮୫ ଦଶ୍‌ମିକ୍ ୨/ଶୂନ୍ ପ୍ରତିଶତ୍ ଛାତ୍ରଛାତ୍ରୀ ପାସ୍ ହେଇଛନ୍ । results.cbse.nic.in ଥି ପରୀକ୍ଷାଫଲ୍ ଜନାପଡ଼ିଛେ । ଛାତ୍ରଛାତ୍ରୀମାନେ ଡିଜି ଲକର୍ ଆଉ ଉମଙ୍ଗ୍ ଆପ୍ ଜରିଏ ଭିଲ୍ ପରୀକ୍ଷାଫଲ୍ ଜାନିପାର୍‌ବେ । ଫେବୃଆରୀ ୧୭ ତାରିଖ୍ ନୁ ଏପ୍ରିଲ୍ ୧୦ ତାରିଖ୍ ଭିତ୍‌ରେ ବିଜ୍ଞାନ୍, ବାଣିଜ୍ୟ ଆଉ କଳା ବିଭାଗ୍‌ଥି ୧୮ ଲାଖ୍ ନୁ ଅଏତ୍‌କା ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଓଡ଼ିଶା ଉଚ୍ଚ ମାଧମିକ୍ ଶିକ୍ଷା ପରିଷଦ୍ ସିଏଚ୍‌ଏସ୍‌ଇ ପରିଚାଲିତ୍ ଯୁକ୍ତ ଦୁଇ ପରୀକ୍ଷାଫଲ୍ ଆଏବା ହପ୍ତା ନ ବାହାର୍‌ବା ବଲି ପରିଷଦ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇ ବଛର୍ ଗୁଟେ ଦିନେ ବାଣିଜ୍ୟ, କଳା,

ବିଜ୍ଞାନ୍ ଆଉ ଧନ୍ଦାମୂଲକ୍ ପାଠ୍ୟକ୍ରମ୍ ପରୀକ୍ଷାଫଲ୍ ବାହାର୍‌ବା ବଲି ଜନାପଡ଼ିଛେ ।

ସିବିଆଇ ତଦନ୍ତ -ନିଟ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ନିଟ୍ ୟୁଜି-୨୦୨୬ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ୍ ଘଟ୍‌ନାର୍ ତଦନ୍ତ୍ ଲାଗି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସିବିଆଇର ଗୁଟେ ଦଲ୍ ଆଏଜ୍ ରାଜସ୍ଥାନ୍‌ର ଜୟପୁର୍ ନ ପୁହୁଁଚିଛନ୍ । ରାଜସ୍ଥାନ୍ ପୁଲିସ୍‌ର ଏସ୍‌ଓଜି ତର୍‌ଫୁ ପାଖାପାଖି ୨୪ ଝନ୍‌କୁ ଇ ବାବ୍‌ଦେ ପଚ୍‌ରାଉଚ୍‌ରା କରାଯାଇଛେ । ସିବିଆଇ କହିଛେ ପରୀକ୍ଷାଥି ହେଇଥିବା ଅନିୟମିତତା ଆଉ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ୍ ସହେତେ ଇ ଘଟ୍‌ନାଥି କେନ୍‌ସି ଅପରାଧୀକ୍ ଷଡ଼ଯନ୍ତ୍ର, ଠକେଇ, ପ୍ରମାଣ୍ ନଷ୍ଟ୍ କର୍‌ବାର୍ ଆଉ ସାର୍ବଜନୀନ ପରୀକ୍ଷାଥି ଅସାଧୁ ଉପେ ଅବଲମ୍ବନ୍ ନିବାରଣ୍ ଆଇନ୍ -୨୦୨୪ ଅନ୍‌ସାରେ ତଦନ୍ତ୍ କରାଯିବା । ସାରା ଦେଶେ ଇ ମାସ ୩ ତାରିଖ୍ ଜାତୀୟ ପରୀକ୍ଷଣ୍ ସଂସ୍ଥାନ୍ ଏନ୍‌ଟିଏ ତର୍‌ଫୁ ନିଟ୍ ୟୁଜି -୨୦୨୬ ପରୀକ୍ଷା କରାଯାଇଥିଲା । ଇଥି ୨୨ ଲାଖ୍ ନୁ ଅଏତ୍‌କା ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ।

ମାଇ ଭାରତ୍ ପ୍ଲାଟ୍‌ଫର୍ମ           ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ୱରାଷ୍ଟ ମନ୍ତ୍ରଣାଳୟ ସହେତେ ଯୁବବ୍ୟାପାର୍ ଆଉ କ୍ରୀଡ଼ା ମନ୍ତ୍ରଣାଳୟ 'ମାଇ ଭାରତ୍' ପ୍ଲାଟ୍‌ଫର୍ମଥି ବିକଶିତ୍ ଗ୍ରାମ-୨୦୨୬ ଅଧୀନ୍‌ଥି ଜାତୀୟସ୍ତରୀୟ କ୍ୱିଜ୍ ପ୍ରତିଯୋଗିତା ଆୟୋଜନ୍ କରୁଛେ । ପହେଲା ଖେପେ ଯୁବ ଗୋଷ୍ଠୀଙ୍କୁ ସିମ୍‌ନା ଗାଁ କାର୍ଯ୍ୟକ୍ରମ୍‌ଥି ନିୟୋଜିତ୍ କର୍‌ବାର୍ ଲାଗି ଥିର୍ କରାଯାଇଛେ । ସାରାଦେଶେ କ୍ୱିଜ୍ ପ୍ରତିଯୋଗିତା ଆଏବା ୨୦ ତାରିଖ୍‌ତକ୍ ଚାଲ୍‌ବା । ଭିନ୍ ଭିନ୍ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ୫ ଶହ ନୁ ଅଏତ୍‌କା ମାଇ ଭାରତ୍ ସ୍ୱେଚ୍ଛାସେବୀ ଇଥି ଭାଗ୍ ନଉଛନ୍ । ସିମ୍‌ନା ଗାଁ ମାନ୍‌କର୍ ପରିବର୍ତ୍ତନ୍, ସ୍ଥାନୀୟ ସଂସ୍କୃତି, ପରିବେଶ୍ ସଚେତନତା ଆଉ ଅଂଚଲ୍‌ମାନ୍‌କୁ ବର୍‌କସ୍ କରାଯିବାର୍ ଲାଗି ଇଥି ଲକ୍ଷ୍ୟ ରଖାଯାଇଛେ ।

କବି ସଚ୍ଚିଦାନନ୍ଦ ରାଉତରାୟ ଶଦ୍ଧାଞ୍ଜଳି  ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଆ ସାହିତ୍ୟଥି ଆଧୁନିକତାର୍ ପ୍ରବର୍ତକ୍ ବିଶିଷ୍ଟ କବି ଆଉ ଜ୍ଞାନପୀଠ ପୁରସ୍କାର୍ ବିଜେତା ସଚ୍ଚିଦାନନ୍ଦ ରାଉତରାୟଙ୍କର୍ ଜୟନ୍ତୀ ଅବ୍‌ସରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜନଉଛନ୍ । ତାଙ୍କର୍ କାଳଜୟୀ ରଚନା ବାଜିରାଉତ, ପଲ୍ଲିଶ୍ରୀ ଆଉ ଛୋଟ ମୋର ଗାଁଟି ଆଏଜ୍ ଭିଲ୍ ଲୁକ୍‌କର୍ ମନ୍ ଭିତ୍‌ରେ ସ୍ୱଦେଶ୍ ପ୍ରେମ୍ ଆଉ ମାଟିର୍ ଲାଗି ମମତା ଭରିଦେସି । ଓଡ଼ିଆ ଭାଷା ଆଉ ସାହିତ୍ୟକେ ସମୃଦ୍ଧ କର୍‌ବାର୍‌ଥି ତାଙ୍କର୍ ଅବଦାନ୍ ସବୁଦିନ୍ ସୁର୍‌ତା ହେଇକରି ରହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଶିଷ୍ଟ ସାହିତ୍ୟିକ୍ ସଚ୍ଚିଦାନନ୍ଦ ରାଉତରାୟଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି କହିଛନ୍, ତାଙ୍କର୍ କାଳଜୟୀ ରଚନା ଓଡ଼ିଆ ଜାତିର୍ ସାସ୍କୃତିକ୍ ଚେତନାକେ ବଢ଼ାବାର୍ ସହେତେ ଭାଷା ଆଉ ସାହିତ୍ୟର୍ ଭିତିଭୂମିକେ ଆହୁରି ବର୍‌କସ୍ କରିଛେ ।

ବିଧାୟକ୍ ଆୟୁବ୍ ଖାନ୍-ପରଲୋକ        ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ କଂଟାବାଞ୍ଜିର ଆଘର୍ ବିଧାୟକ୍ ଆୟୁବ୍ ଖାନ୍‌ଙ୍କର୍ ଆଏଜ୍ ୭୮ ବଛର୍ ବୟେସେ ପରଲୋକ୍ ହେଇଯାଇଛେ ।

କାଉନ୍‌ସିଲର୍ ନୁ ରାଜନୀତି ମୁଲ୍ କରିଥିବା ସ୍ୱର୍ଗତ ଖାନ୍ କଂଟାବାଞ୍ଜି ଏନ୍‌ଏସି ଚେୟାର୍‌ମେନ୍ ଉତ୍‌ରୁ ଦୁଇଥର୍ ବିଧାୟକ୍ ଭାବେ ନିର୍ବାଚିତ୍ ହେଇଥିଲେ । ତାଙ୍କର୍ ପରଲୋକ୍‌ଥି ଭିନ୍ ଭିନ୍ ମହଲ୍ ନ ଶୋକର୍ ଛାୟା ଖେଲିଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଉ ପ୍ରଭାତୀ ପରିଡ଼ା ପ୍ରମୁଖ ସ୍ୱର୍ଗତ ଖାନ୍‌ଙ୍କର୍ ପରଲୋକ୍‌ଥି ଦୁଃଖ ପ୍ରକାଶ୍ କର୍‌ବାର୍ ସହେତେ ତାଙ୍କର୍ ପରିବାର୍ ଲୁକ୍‌କର୍ ପ୍ରତି ସମବେଦନା ଜନେଇଛନ୍ ।

ଜିଲ୍ଲାପରିଷଦ୍ ବୈଠକ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପରିଷଦ୍ ସମ୍ମିଲନୀ କକ୍ଷ ନ ଆଏଜ୍ ଜିଲ୍ଲାପରିଷଦ୍‌ର ୬ ନମ୍ବର୍ ଅଧିବେଶନ୍‌ର ୧୦ ନମ୍ବର୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ବିଧାୟକ୍ ରୋମଂଚ ରଞ୍ଜନ୍ ବିଶ୍ୱାଳ ଆଉ ଜିଲ୍ଲାପାଲ୍ କବିନ୍ଦ୍ର କୁମାର୍ ସାହୁ ଯୋଗ୍ ଦେଇକରି ଜିଲ୍ଲାର୍ ସାମଗ୍ରୀକ୍ ବିକାଶ୍ ଲାଗି ଜନପ୍ରତିନିଧି ମାନ୍‌କର୍ ସହଯୋଗ୍

କାମନା କର୍‌ବାର୍ ସହେତେ ବିକାଶ୍ ପ୍ରକ୍ରିୟାକେ ତୁର୍‌ତି କର୍‌ବାର୍ ଉପ୍‌ରେ ଜୋର୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ଘନୀଭୂତ୍ ହେବାର୍ ସମ୍ଭାବନା ଅଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ କାଲ୍‌ବୈଶାଖୀର୍ ବଲେ ହେଇଥିବା ବର୍ଷାର୍ ଲାଗି ରାଜ୍ୟର୍ ତାପମାତ୍ରା କମିଛେ । ଆଏବା ୨୪ ଘଂଟା ଭିତ୍‌ରେ ଚଡ଼କ୍ ମାରିକରି ବର୍ଷା ହେବା ବଲି ୨୪ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇ ହପ୍ତାଥି ଭାରତ୍‌କେ ଦକ୍ଷିଣ୍ ପଶ୍ଚିମ ମୌସୁମୀ ବାୟୁ ପୁହୁଁଚିବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ବଙ୍ଗୋପ୍‌ସାଗର୍, ଆଣ୍ଡାମାନ୍ ସାଗର୍ ଆଉ ଆଣ୍ଡାମାନ୍ ନିକୋବର୍ ଦ୍ୱୀପପୁଞ୍ଜ ନ ଇ ହପ୍ତା ଶେଷ୍ ଆଡ଼୍‌କେ ଦକ୍ଷିଣ୍ ପଶ୍ଚିମ ମୌସୁମୀ ବାୟୁ ଆଗ୍‌କେ ବଢ଼୍‌ବା ବଲି ଜନାପଡ଼ିଛେ ।